# ମାରୀଚ

*କବି ରଘୁନାଥ ଦାସ*

କଟକ ସହର ଚୌଧୁରୀ ବଜାର ସଦର ରାସ୍ତା ଉପରେ। ସେ ବାଟରେ ଯାଏ

-ମ୍ୟୁନିସିପାଲିଟି ଚେୟାରମ୍ୟାନ୍‌ଙ୍କର ଧଳା ମଟର।

-ମାନ୍ୟବର ମନ୍ତ୍ରୀଙ୍କର କଳା ମଟର।

-ପୂଜ୍ୟ ନେତାଙ୍କର ହଳଦିଆ ମଟର।

ରିକ୍ସାବାଲା ଗାଡ଼ିଟାକୁ ରାସ୍ତା କଡ଼କୁ ଥୋଇ ଦଉଡ଼ି ଆସିଲା, ଆର ପାଖର ପାନବାଲା ଦୋକାନ ଛାଡ଼ି ଉଠିଗଲା, ନଈ ସେପାରିରୁ କିରାସିନି ପାଇଁ ଆସିଥିବା ଦି ଜଣ ଲୋକ ଠିଆ ହୋଇଗଲେ, କାଠ ଶଗଡ଼ିଆ ବଳଦ ହ' କଲା, ଆଠ ଜଣ ସ୍କୁଲପିଲା ଆସି ଜୁଟିଲେ, ବିଡ଼ିବିକା ସାଇକେଲରୁ ଓହ୍ଲାଇ ପଡ଼ିଲା, ଚିରା କୋଟ୍‌ରେ ରଫୁ କାମ ଅଧା କରି ଗଫୁର ଉଠିଗଲା, ସୋଡ଼ାବାଲା ତା ଗାଡ଼ିଟା ଢ଼ିରା ଲଗାଇ ଦେଇ ଅନାଇ ରହିଲା, ସିନେମାଆଡ଼େ ମୁହାଁଇଥିବା ଫିଟ୍‌ଫାଟ୍ ଚାରିଟା ଟୋକା ସେଠି ମୁହଁ ମାରିଲେ, ଗୋରା ସୈନ୍ୟ ଦି'ଟା ତାଙ୍କ ରିକ୍ସା ରୋକି ଓହ୍ଲରି ଆସିଲେ, ପାଞ୍ଚ ସାତ ମାରୁଆଡ଼ି ଲୁଗା ବିକା ଭୁଲି ଦୋକାନ ଦୁଆରେ ଅନେଇ ରହିଲେ , ଡ଼ାକ୍ତରବାବୁ ଦୋକାନରୁ ଓହ୍ଲାଇ ଆସିଲ, ଗୁଡ଼ିଉଡ଼ା ଛାଡ଼ି ଚାରିଟା ପିଲା ଅଣନିଶ୍ୱାସୀ ହୋଇ ପହଞ୍ଚିଲେ, ଜାସ ଫିଟାଇବାକୁ ଦି'ଟା କନେଷ୍ଟବଳ ଭିଡ଼ି ଆସି ଅନେଇ ରହିଲେ, ଶେଠଜୀଙ୍କ ନୂଆ ପେଟର୍ଣ୍ଣ ମଟର ଛିଡ଼ା ହେଲା ଦେଖିବାକୁ-

ପିଲାଟା ନର୍ଦ୍ଦମାର ପଚା ପଙ୍କ ଦେହରେ ମୁଣ୍ଡ ମାଡ଼ି ଦେଇଛି। ନର୍ଦ୍ଦମାର ବହଳିଆ ପାଣି ଓ ଫେଣ ପାଟିରେ ପାଟିଏ ଭର୍ତ୍ତି ହୋଇଛି, ଦି' ଚାରି ଢ଼ୋକ ପେଟକୁ ଯାଇଛି ବି, ତା'ର ନିଶ୍ୱାସରେ ନର୍ଦ୍ଦମା ପାଣି ଭଡ଼ ଭଡ଼ କରୁଛି। ପିଲାଟିର ଗୋଡ଼ ହାତ ନାଠି ହୋଇଯାଇଛି। ପାଖ ଆଖରେ ଲାଲଧୂଳି ଉପରେ ଗୋଡ଼ ଠେସାର ଚିହ୍ନ ପଡ଼ିଛି।

'କ'ଣ ? କ'ଣ? କ'ଣ ହେଲା?"

"ବାତ ମାରୁଛି।"

"ଆରେ ଉଠେଇଆଣ।"

କିଏ ଉଠାଇବ? ଜନତାର ଆଖି ଏପାଖ ସେପାଖ ଖୋଜିବୁଲିଲା; କିଏ ଉଠାଇବ? ବାବୁ ଭାୟାମାନେ ତ ଉଠାଇବେ ନାହିଁ, ପିଲା ସବୁବା କିମିତି ଉଠାଇବେ, ବାପା ମା' ଗାଳି ଦେବେ ନାହିଁ ବାଜେ ଲୋକଗୁଡ଼ାକ ଥାଉଁ ଥାଉଁ କନେଷ୍ଟବଳ ବାବୁ କ'ଣ ଉଠାନ୍ତେ, ସତୁରି ଅଶୀ ଯୋଡ଼ା ଆଖି ରିକ୍ସାବାଲା ଉପରେ ପଡ଼ିଲା।

www.jatayu.org

# ମାରୀଚ

କବି ରଘୁନାଥ ଦାସ

"ବାବୁ ମୁଁ କିମିତି ଉଠାଇବି, କି ଜାତି ବୋଲି କି ଜାତି।"

"ଆରେ ବଚେ ଯୋ ମରଯାତା, ଜାତି ଜାତି ନିକଲ୍‌ତା, ଛୋଡ଼ୋ।" ଜନତା ୟାକୁବ୍‌ମିଆଁକୁ ବାଟ ଛାଡ଼ିଦେଲା।

ପିଲାଟା କାହାର କେହି କହିପାରିଲେ ନାହିଁ। ସମସ୍ତେ ତାକୁ ଦେଖୁଛନ୍ତି ଏହି ରାସ୍ତାରେ 'ବାବୁ' 'ବାବୁ' କହି ଧୋବଲୁଗା ପଛେ ପଛେ ଗୋଡ଼ାଇବାର। କେହି କେହି ଚିହ୍ନିଲେ ଦିନାକେତେ ତଳେ ସେମାନେ ଗୋଟିଏ ଭିକାରୁଣୀ ସାଙ୍ଗରେ ୟାକୁ ଦେଖିଥିଲେ।ତା'ର ମା' ହେବ ପରା। ସେ ମାଇପିଟାଏ ପଛରେ ଏ ପିଲାଟା ଗୋଡ଼ାଇଥାଏ। ଆଉ ଦି'ଚାରି ଜଣ ଚିହ୍ନିଲେ ଏ ପିଲା, ତା' ମା' ବାପା ଆଉ ଗୋଟେ ଝିଅ କଲେଜ ସାମନା ଟିଣିଆ ଗଛ ତଳେ ନିତି ରାତିକି ଭେଟ ହୁଅନ୍ତି ଇଟା ଉପରେ ଆଟିକା ବସାନ୍ତି।

ସେଇ ଗଛ ମୂଳେ ଶୁଅନ୍ତି, ସକାଳୁ କୁଆଡ଼େ ଭିକମାଗି ଯାଅନ୍ତି।ଆଉ ଏବେ ସେ ଗଛ ମୂଳେ ଦେଖା ନାହାନ୍ତି- ଆଉ ଗୁଡ଼ାଏ କିଏ ଜୁଟିଲେଣି।

ଏଇ ଛ' ସାତବର୍ଷ ପିଲାଟା କଟକ ସହରରେ ନିଜକୁ ମଣିଷ କରିବାକୁ ଧାଇଁଲା ଚୌଧୁରୀ ବଜାର, ବାଲୁବଜାର, ସଦର ରାସ୍ତା ବାବୁଭାୟା ହାକିମହୁକୁମା, ଶେଠ ମହାଜନଙ୍କ ପଛରେ- ' ବାବୁ ପଇସାଏ – ବାବୁ ଖାଇନେଇଁ, ବାବୁ ପଇସାଏ-'

ଜୀବନର କ୍ରୁର ମାୟା ତା'ର କ୍ଷୁଦ୍ର ପାଦକୁ କ୍ଷୀପ୍ର କଲା ରିକ୍ସା ପଛରେ ଗୋଡ଼ାଇବାକୁ ସାଇକେଲକୁ କାଟିବାକୁ, ମଟର ପାରିହେବାକୁ।

ବଞ୍ଚିବାର ମୋହରେ ସେ ଆବିଷ୍କାର କଲା ପାର୍କ ପାଖ ଗୁଡ଼ିଆ ଦୋକାନ ଅଇଁଠା ପତର ଡ଼ାବଲ ' ଡ଼ନକେବିନ୍' ର କନ୍ଦି ରାସ୍ତା, ମାରୁଆଡ଼ି ଘର ନଳା।

-ବଞ୍ଚିବ-

-ସଂସାର କରିବ-

-ମଣିଷ ହେବ-

ଗୋଡ଼ ଫୁଲିଲା, ହାତ ଫୁଲିଲା ପେଟ ବାହାରିଲା-



www.jataayu.org

# ମାରୀଚ

କବି ରଘୁନାଥ ଦାସ

-ମଣିଷ ହେବ-

ମାରୁଆଡ଼ି ଘର ନାଳରୁ ବହି ଆସୁଥିଲା ରୁଟି, ଟୁକୁରା ବୁଟଯାଇ, ମୂଳାନାଞ୍ଜି। ନଳା ମୁହଁରୁ ସେ ଖୁଣ୍ଟି ନେଉଥିଲା ଟୁଙ୍କି ଦଉଥିଲା।

" ବସିଥିଲା ତ, ନର୍ଦ୍ଦମାଟାରେ ମୁହଁ ମାଡ଼ି ଭୁସ୍ କରି ପଡ଼ିଲା'

"ବାତୁଆ ଟାଏରେ।"

ମଟରରୁ ଶେଠଜୀ କହିଲେ, ' ଡ଼ାକ୍ତରବାବୁ , ଦାଇ ଯା ଲୋଡ଼ା ବଚ୍ଚାଟାକୁ ଦିଅ- ରୁପୟା ଯା' ଖରଚ ହେବ ହାମେ ଦବା।"

ଡ଼ାକ୍ତରବାବୁ ମୁରିକି ହସା ଦେଲେ।

"ବଖତ୍ ଚାଲିଗଲାଣି।"

" ଶେଠ୍‌ଜୀଙ୍କ କାନରେ ଫୁସ୍ ଫୁସ୍ କରି ଗୋଟିଏ ଲୋକ କଣ କହିଲା, ବୋଧହୁଏ ଚୋରା ବଜାର କଥା।

ମଟର ଛାଡ଼ିଲା, ଜନତା ଫାଟିଲା, ସିନେମା ଦେଖାଳି ଚାରିଗୁଣ ବେଗରେ ଗୋଡ଼ ପକାଇଲେ। ସାଇକେଲବାଲା ଜୋର୍‌ରେ ସାଇକେଲ ଚଲାଇଲେ, କନେଷ୍ଟବଳ ଫାଣ୍ଡିକୁ ଫେରିଲା, ଏକ ଦୀର୍ଘ ନିଶ୍ବାସର ଉଷ୍ମତା ବାବାଜି ନିଜର ଶୀର୍ଣ୍ଣ ବୁକୁ ଉପରେ ଅନୁଭବ କଲା। ଚିମୁଟାକୁ ଦି' ଥର ବାଡ଼େଇ ଦେଇ ବାବାଜି ଆଗକୁ ଦି' ପାଦ ପକାଇଲା।

" ଭଗବାନଙ୍କ ମାୟା-ପ୍ରଭୁ ପ୍ରଭୁ ହେ।"

ମଫସଲିଆ ଲୋକ ତିନିଟା ସାଧୁଙ୍କ ମୁହଁକୁ ଅନାଇଲେ।

"ବାବା ୟେ ଭଗବାନଙ୍କ ମାୟା ନୁହେଁ ତ , ଆଉ କ'ଣ? ପିଲାଟା ଏ ସଂସାରକୁ ଅସିଲା ବା କିଆଁ, ଗଲା ବା କିଆଁ?

ଯେଉଁ ପ୍ରଶ୍ନର ଝଡ଼ ତାହାର ମନକୁ 'କ୍ଷଣକ ଲାଗି ଗଭୀର ଭାବେ ଅଶାନ୍ତ, ଆନ୍ଦୋଳିତ କରିଥିଲା, ତାହାର ଶେଷ ଭ୍ରଷ୍ଟବାୟୁ ପ୍ରବାହ ପରି ବାବାଜିର ଛାତି ଫୁଲି ଉଠିଲା ପଡ଼ିଗଲା।


www.jataayu.org

# ମାରୀଚ

କବି ରଘୁନାଥ ଦାସ

" ପ୍ରଭୁଙ୍କୁ ଏକା ଗୋଚର। -ମାୟା- ବାବା, ମାୟା-, ସଂସାର ମାୟା।"

ସେ ବାଟରେ ଗଲା-

-ମ୍ୟୁନିସିପାଲିଟି ଚେୟାରମ୍ୟାନଙ୍କର ଧଳା ମଟର।

-ମାନ୍ୟବର ମନ୍ତ୍ରୀଙ୍କର କଳା ମଟର।

-ପୂଜ୍ୟ ନେତାଙ୍କର ହଳଦିଆ ମଟର।

www.jataayu.org